# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 11th January - 2025

**********************************

## ମୁଖ୍ୟ ସମ୍ବାଦ

- ଜାତୀୟ ଯୁବ ଦିବସ ଅବସରରେ ଆସନ୍ତାକାଲି ବିକଶିତ ଭାରତ ଯୁବ ନେତୃତ୍ୱ ବାର୍ତ୍ତାଳାପରେ ଯୋଗଦେବେ ପ୍ରଧାନମନ୍ତ୍ରୀ ।

- ରାଜ୍ୟରେ ନ୍ୟାୟ ବ୍ୟବସ୍ଥା ଓ ଭିତ୍ତିଭୂମିକୁ ସୁଦୃଢ଼ କରିବାପାଇଁ ସରକାର ପଦକ୍ଷେପ ନେଉଛନ୍ତି; କହିଲେ ମୁଖ୍ୟମନ୍ତ୍ରୀ ।

— ଉଦ୍‌ଘାଟିତ ହେଲା ହାଇକୋର୍ଟର ନ୍ୟାୟିକ ଅଭିଲେଖାଗାର ଭବନ ।

- ସୁଭଦ୍ରା ଯୋଜନାରୁ ଭୁଲ୍‌ବଶତଃ ବାଦ୍ ପଡ଼ିଥିବା ହିତାଧିକାରୀ ଯୋଜନାରେ ପୁନଃ ହୋଇପାରିବେ ସାମିଲ୍ ।

ଏବଂ

- ହକି ଇଣ୍ଡିଆ ଲିଗ୍‌ରେ ହାଇଦ୍ରାବାଦ ତୋଫାନ୍ସ ଓ ସୁର୍‌ମା ହକି କ୍ଲବ ମଧ୍ୟରେ ମୁକାବିଲା ଜାରି ।

*Desk*

# ପି.ଏମ୍. - ଯୁବ ନେତୃତ୍ୱ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଜାତୀୟ ଯୁବ ଦିବସ ଅବସରରେ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ବିକଶିତ ଭାରତ ଯୁବ ନେତୃତ୍ୱ ବାର୍ତ୍ତାଳାପରେ ଯୋଗଦେବେ । ଶ୍ରୀ ମୋଦୀ ଦେଶର ୩ ହଜାର ଯୁବନେତୃତ୍ୱଙ୍କ ସହ ଆଲୋଚନା କରିବେ ବୋଲି ଜଣାପଡ଼ିଛି । ଏହି ବାର୍ତ୍ତାଳାପରେ ୧୦ଟି ପ୍ରମୁଖ ବିଷୟବସ୍ତୁ ଉପରେ ପ୍ରତିଯୋଗୀମାନେ ଲେଖିଥିବା ଶ୍ରେଷ୍ଠ ପ୍ରବନ୍ଧଗୁଡ଼ିକର ସଂକଳନକୁ ମଧ୍ୟ ଶ୍ରୀ ମୋଦୀ ଉନ୍ମୋଚନ କରିବାର କାର୍ଯ୍ୟସୂଚୀ ରହିଛି ।

*Desk*

# ମୁଖ୍ୟମନ୍ତ୍ରୀ - ଜୁଡ଼ିସିଆଲ୍ ଏକାଡେମୀ

ରାଜ୍ୟରେ ନ୍ୟାୟ ବ୍ୟବସ୍ଥା ଓ ଭିତ୍ତିଭୂମିକୁ ସୁଦୃଢ଼ କରିବା ତଥା ନ୍ୟାୟପାଳିକାରେ ସଂସ୍କାର ଏବଂ ଉନ୍ନତି ଆଣିବାପାଇଁ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କହିଛନ୍ତି । କଟକଠାରେ ଓଡ଼ିଶା ହାଇକୋର୍ଟର ନ୍ୟାୟିକ ଅଭିଲେଖାଗାର ଭବନର

ଉଦ୍‌ଘାଟନ କରି ଶ୍ରୀ ମାଝୀ କହିଛନ୍ତି, ଏହି ଅଭିଲେଖାଗାର ବିଚାର ବ୍ୟବସ୍ଥା ଭିତ୍ତିଭୂମି ନିର୍ମାଣ ଓ ଆଇନଗତ ବ୍ୟବସ୍ଥାର ସମୃଦ୍ଧ ଐତିହ୍ୟ ଭଣ୍ଡାର ଭାବେ କାର୍ଯ୍ୟ କରିବ। ନ୍ୟାୟ, ପ୍ରଶାସନ, ଇତିହାସ, ସଂସ୍କୃତି ଓ ଶିକ୍ଷାକୁ ବ୍ୟାପକ କରିବାରେ ଅଭିଲେଖାଗାର ସହାୟକ ହେବ। ନ୍ୟାୟିକ ଦସ୍ତାବିଜ ସଂରକ୍ଷଣରେ ଏହାର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶ୍ରୀ ମାଝି କହିଛନ୍ତି, ଓଡ଼ିଶାରେ ନ୍ୟାୟିକ ଭିତ୍ତିଭୂମିର ବିକାଶ ପାଇଁ ହାଇକୋର୍ଟଙ୍କ ସମସ୍ତ ପ୍ରସ୍ତାବକୁ ସରକାର ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରିବେ।

ଭାରତର ଗଣତନ୍ତ୍ର ଓ ନିରପେକ୍ଷ ନ୍ୟାୟପାଳିକା ପାଇଁ ଆଜି ସମଗ୍ର ବିଶ୍ୱରେ ସମ୍ମାନର ଅଧିକାରୀ ହୋଇପାରିଛି। ଲୋକଙ୍କୁ ତ୍ୱରିତ ନ୍ୟାୟ ଦେବା ପାଇଁ କେନ୍ଦ୍ର ସରକାର ତିନୋଟି ନୂତନ ଆଇନ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମର ପ୍ରଣୟନ କରିଛନ୍ତି ।

***Voice*** :..............

କାର୍ଯ୍ୟକ୍ରମରେ ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂ କହିଛନ୍ତି, ଦେଶରେ ପ୍ରଥମ କରି ନିର୍ମିତ ହୋଇଥିବା ଏହି ଅଭିଲେଖାଗାର ଇତିହାସକୁ ସାଇତି ରଖିବା ସହିତ  ଭବିଷ୍ୟତ ପିଢ଼ିଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହି ଅଭିଲେଖାଗାର ନ୍ୟାୟ ପ୍ରଦାନ ଏବଂ ନ୍ୟାୟିକ ପ୍ରଣାଳୀକୁ ସୁଦୃଢ଼ କରିବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

***Desk***

# ଧର୍ମେନ୍ଦ୍ର ପ୍ରଧାନ - କପିଳାସ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଢେଙ୍କାନାଳର ପ୍ରସିଦ୍ଧ ଶୈବପୀଠ କପିଳାସ ପରିଦର୍ଶନ କରିଛନ୍ତି । ଶ୍ରୀ ପ୍ରଧାନ ମନ୍ଦିରର ଉନ୍ନତି ଓ ସଂରକ୍ଷଣ ନେଇ ପ୍ରଶାସନିକ ଅଧିକାରୀଙ୍କ ଆଲୋଚନା କରିଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଏହି ମନ୍ଦିର ଆସ୍ଥା, ଶ୍ରଦ୍ଧା ଓ ସମର୍ପଣର କେନ୍ଦ୍ର । କପିଳାସ ମନ୍ଦିରର ଉନ୍ନତି, ସଂରକ୍ଷଣ ଏବଂ ପର୍ଯ୍ୟଟକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତ କରିବା ଉପରେ ଜିଲ୍ଲା ପ୍ରଶାସନ ସହ ଆଲୋଚନା ହୋଇଛି । ମନ୍ଦିରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବାପାଇଁ ସମସ୍ତେ ଯତ୍ନବାନ ହେବା ଉଚିତ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

***Bolangir/R***

# ଯକ୍ଷ୍ମା ଚିକିତ୍ସା

ବଲାଙ୍ଗିର ଜିଲ୍ଲା ଲୋଇସିଙ୍ଗା ରୋଗୀ କଲ୍ୟାଣ ସମିତି ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଯୋଗ ଦେଇଛନ୍ତି । ଯକ୍ଷ୍ମା ରୋଗୀଙ୍କୁ ସରକାର ପ୍ରତ୍ୟେକ ମାସରେ ୧ ହଜାର ଟଙ୍କା ପ୍ରଦାନ କରିବେ ବୋଲି ମନ୍ତ୍ରୀ କହିଛନ୍ତି । ମହିଳା ଓ ଶିଶୁରୋଗ ବିଶେଷଜ୍ଞ ନିଯୁକ୍ତି ସହ ଆସନ୍ତା ମାସରେ

ହସ୍ପିଟାଲ୍‌ରେ ଡାୟାଲିସିସ୍, ଏକ୍ସ-ରେ ଆଦି ଚିକିତ୍ସା ସୁବିଧା ଉପଲବ୍ଧ ହେବ ବୋଲି ଡକ୍ଟର ମହାଲିଙ୍ଗ ସୂଚନା ଦେଇଛନ୍ତି ।

***IPR***

# ସୁଭଦ୍ରା - ଇ-କେ.ୱାଇ.ସି.

ସୁଭଦ୍ରା ଯୋଜନାରେ ଯେଉଁ ହିତାଧିକାରୀଙ୍କ ନାମ ଭୁଲ୍‌ରେ ବାଦ୍ ପଡ଼ିଥିବ, ସେମାନେ ପୁନର୍ବାର ଯୋଜନାରେ ସାମିଲ୍ ହୋଇପାରିବେ ବୋଲି ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ କୁହାଯାଇଛି । ଏଥପାଇଁ ସୁଭଦ୍ରା ପୋର୍ଟାଲ୍‌ରେ ଅପ୍ଟ-ଇନ୍‌ର ବ୍ୟବସ୍ଥା କରାଯାଇଛି । ଏହି ସୁବିଧା ଉପଲବ୍ଧ ହେବା ପରେ ପ୍ରାୟ ୮ ହଜାରରୁ ଅଧିକ ଆବେଦନକାରୀ ସୁଭଦ୍ରା ଯୋଜନାରେ ପୁନଃ ସାମିଲ୍ ହୋଇଛନ୍ତି ।  ବିଭାଗର ସୂଚନା ଅନୁସାରେ ସୁଭଦ୍ରାରେ ଖୁବ୍ ଶୀଘ୍ର ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଅର୍ଥରାଶି ପ୍ରଦାନ କରାଯିବ । ତେବେ ଏଥିପାଇଁ ଇ-କେ.ୱାଇ.ସି. କରିବା ଆବଶ୍ୟକ । ଯୋଗ୍ୟ ହିତାଧିକାରୀମାନେ ହିଁ ସୁଭଦ୍ରାର ସହାୟତା ରାଶି ପାଇପାରିବେ । ହିତାଧିକାରୀମାନେ ନିକଟସ୍ଥ ଜନସେବା କେନ୍ଦ୍ର ବା ମୋ ସେବା କେନ୍ଦ୍ରକୁ ଯାଇ ବାୟୋମେଟ୍ରିକ୍ ପଦ୍ଧତିରେ ନିଜର ଇ-କେ.ୱାଇ.ସି. କରାଇବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି ।

***BBSR/R***

# ରାଜସ୍ୱ ବିଭାଗ କର୍ମଚାରୀ

ରାଜସ୍ୱ ବିଭାଗର କର୍ମଚାରୀଙ୍କୁ ଅଣରାଜସ୍ୱ କାର୍ଯ୍ୟରେ ଆଉ ନିୟୋଜିତ କରାଯିବ ନାହିଁ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ରାଜସ୍ୱ ବିଭାଗ ପକ୍ଷରୁ ଏନେଇ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି । ଜିଲ୍ଲାପାଳଙ୍କ ଅନୁମୋଦନକ୍ରମେ ଆବଶ୍ୟକତା ଅନୁସାରେ ବିଭାଗର ରାଜସ୍ୱ ନିରୀକ୍ଷକ, ଅତିରିକ୍ତ ରାଜସ୍ୱ ନିରୀକ୍ଷକ, ଅମୀନମାନଙ୍କୁ ଅଣରାଜସ୍ୱ କାର୍ଯ୍ୟରେ ନିୟୋଜିତ କରାଯାଇପାରିବ ବୋଲି ଚିଠିରେ ଉଲ୍ଲେଖ ରହିଛି । ଏନେଇ ନିକଟରେ ରାଜ୍ୟ ରାଜସ୍ୱ କ୍ଷେତ୍ରସ୍ତରୀୟ ଅଧିକାରୀ ସଂଘ ପକ୍ଷରୁ ବିଭାଗୀୟ ଅତିରିକ୍ତ ମୁଖ୍ୟ ସଚିବଙ୍କୁ ଅବଗତ କରାଯିବା ପରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।

***Voice :.........***

***Desk***

# ଶାସ୍ତ୍ରୀ - ପୁଣ୍ୟତିଥି

ଦେଶର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କର ପୁଣ୍ୟତିଥିରେ ଆଜି ଦେଶବାସୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛନ୍ତି।  ଶ୍ରୀ ଶାସ୍ତ୍ରୀ ଦେଶର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଭାବେ ୧୯୬୪ ମସିହା ଜୁନ୍ ମାସ ୯ ତାରିଖରୁ ୧୯୬୬

ମସିହା ଜାନୁଆରୀ ମାସ ୧୧ ତାରିଖ ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇଥିଲେ। ତାଙ୍କର ପ୍ରଧାନମନ୍ତ୍ରୀତ୍ୱ ସମୟରେ ତାସକେଣ୍ଟଠାରେ ଭାରତ ଓ ପାକିସ୍ତାନ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଲାଲବାହାଦୂର ଶାସ୍ତ୍ରୀ ୧୯୨୩ ମସିହା ଲବଣ ସତ୍ୟାଗ୍ରହ ଏବଂ ୧୯୪୨ ମସିହା ଭାରତଛାଡ଼ ଆନ୍ଦୋଳନରେ ପ୍ରମୁଖ ଭୂମିକା ନିଭାଇଥିଲେ।

***Desk***

## ରେଳମଣ୍ଡଳ ପ୍ରବନ୍ଧକ

ପୂର୍ବତଟ ରେଳପଥ ଅଧୀନରେ ନବଗଠିତ ରାୟଗଡ଼ା ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଭାବେ ଅମିତାଭ ସିଙ୍ଘଲ କାର୍ଯ୍ୟରେ ଯୋଗ ଦେଇଛନ୍ତି । ରେଳ ସଂଯୋଗୀକରଣରେ ଉନ୍ନତି ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରିବେ ବୋଲି କାର୍ଯ୍ୟରେ ଯୋଗଦେବା ପରେ ଶ୍ରୀ ସିଙ୍ଘଲ କହିଛନ୍ତି ।

***Nuapada/R***

## କେନ୍ଦ୍ରୀୟ ପ୍ରତିନିଧି - ସ୍ୱାସ୍ଥ୍ୟସେବା

କେନ୍ଦ୍ରୀୟ ପ୍ରତିନିଧି ଦଳ ନୂଆପଡ଼ା ଜିଲ୍ଲା ଗସ୍ତରେ ଆସି "ସ୍ୱାସ୍ଥ୍ୟସେବା କାୟାକଳ୍ପ ନିର୍ଦ୍ଧାରଣ-୨୦୨୫" କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ

ଉପଲବ୍ଧ ଚିକିତ୍ସା ସୁବିଧାର ଅନୁଧ୍ୟାନ କରୁଛନ୍ତି । ତିନିଜଣିଆ ପ୍ରତିନିଧି ଦଳ ଜିଲ୍ଲାର ୫ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଅନୁଧ୍ୟାନ କରୁଥିବା ଜଣାପଡ଼ିଛି ।

***Bhadrak/R***

## ଇ-ରିକ୍ସା ବଣ୍ଟନ

ଭଦ୍ରକ ଜିଲ୍ଲା ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଦିବ୍ୟାଙ୍ଗମାନଙ୍କୁ ଇ-ରିକ୍ସା ବଣ୍ଟନ କରାଯାଇଛି । ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଓ ଜିଲ୍ଲାପାଳ ଦିଲୀପ ରାଉତରାୟ କାର୍ଯ୍ୟକ୍ରମରେ ଯୋଗଦେଇ ୧୭ ଜଣଙ୍କୁ ଇ-ଅଟୋରିକ୍ସା ବଣ୍ଟନ କରିଛନ୍ତି । ଦିବ୍ୟାଙ୍ଗମାନେ ଇ-ରିକ୍ସାରେ ଯାତ୍ରୀ ପରିବହନ କରି ନିଜେ ଏବଂ ପରିବାରକୁ ଆତ୍ମନିର୍ଭରଶୀଳ କରିପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି ।

***Jajpur/R***

## ପଦ୍ମସମ୍ଭବ ମହାସମାବେଶ

ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ବୌଦ୍ଧପୀଠ ଉଦୟଗିରିରେ ଆସନ୍ତାକାଲିଠାରୁ "ପଦ୍ମସମ୍ଭବ ମହାସମାବେଶ" ଆରମ୍ଭ ହେବ । ସିକ୍କିମ୍‌ର

ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଭେନ୍ ସୋନମ୍ ଲାମା ସମାବେଶରେ ମୁଖ୍ୟ ଅତିଥି ଭାବରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଏହି ସମାବେଶରେ ୧୭ଟି ଦେଶର ୧ ହଜାରରୁ ଊର୍ଦ୍ଧ୍ୱ ବୌଦ୍ଧ ସନ୍ନ୍ୟାସୀ ଅଂଶଗ୍ରହଣ କରିବେ ।

***Boudh/R***

## ଖଡ଼ଙ୍ଗ ଲୋକ ମହୋତ୍ସବ

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ବନ୍ଧଗୋରା ଖଡ଼ଙ୍ଗ ନଦୀକୂଳରେ "ଖଡ଼ଙ୍ଗ ଲୋକ ମହୋତ୍ସବ" ଆରମ୍ଭ ହୋଇଛି । ମହୋତ୍ସବର ପ୍ରଥମ ସନ୍ଧ୍ୟାରେ କୃଷ୍ଣଲୀଳା ମଞ୍ଚସ୍ଥ ହୋଇଥିଲା । ଲୋକକଳା, ଲୋକ ସଂସ୍କୃତି ସମୃଦ୍ଧ ହେଲେ ଜିଲ୍ଲା ବିକଶିତ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।

***Boudh/R***

## ଜିଲ୍ଲା ପରିଷଦ ବୈଠକ

ବୌଦ୍ଧ ଜିଲ୍ଲା ସରସରା ହାଇସ୍କୁଲ୍ଠାରେ ଜୁନିୟର୍ ରେଡ୍କ୍ରସ୍‌ର ଜିଲ୍ଲା ପରିଷଦର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୨୦ ତାରିଖରୁ ସରସରାଠାରେ ହେବାକୁ ଥିବା ତିନିଦିନିଆ ଜୁନିୟର୍ ରେଡ୍କ୍ରସ୍

ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ଶିବିରପାଇଁ ପ୍ରତି ବିଦ୍ୟାଳୟରୁ କାଉନ୍‌ସିଲର୍‌ମାନେ ଯୋଗାଦେବାପାଇଁ ନିଷ୍ପତ୍ତି ହୋଇଛି ।

***Desk***

## ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍‌ରେ ଆଜି ରାଉରକେଲା ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମଠାରେ ହାଇଦ୍ରାବାଦ ତୋଫାନ୍ସ ଓ ସୁରମା ହକି କ୍ଲବ ମଧ୍ୟରେ ମୁକାବିଲା ଜାରି ରହିଛି । ସମ୍ବାଦ ପ୍ରସ୍ତୁତ ହେବାବେଳକୁ ସୁର୍‌ମା ହକି କ୍ଲବ୍ ୧-୦ ଗୋଲ୍‌ରେ ଆଗୁଆ ରହିଛି । ଦ୍ୱିତୀୟ ମ୍ୟାଚ୍ ରାତି ୮ଟା ୧୫ ମିନିଟ୍‌ରେ ଦିଲ୍ଲୀ ଏସ୍‌ଜି ପାଇପର୍ସ ଓ ୟୁପି ରୁଦ୍ରସ ମଧ୍ୟରେ ଖେଳାଯିବ।

***Desk***

## ପାଣିପାଗ

ରାଜ୍ୟରେ ଶୀତ ଲହରୀ ଜାରି ରହିଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ତାପମାତ୍ରା ବୃଦ୍ଧି ପାଇବା ସହ ଶୀତର ପ୍ରକୋପ କ୍ରମଶଃ ହ୍ରାସ ପାଇବ। ଅପରପକ୍ଷରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘନକୁହୁଡ଼ି ହେବା ନେଇ

କୋରାପୁଟ, କନ୍ଧମାଳ, କଟକ, ଖୋର୍ଦ୍ଧା, ଅନୁଗୁଳ, କେନ୍ଦୁଝର, ଢେଙ୍କାନାଳ, ନୟାଗଡ଼ ଓ ସୁନ୍ଦରଗଡ଼ ଜିଲ୍ଲାପାଇଁ ସତର୍କ ସୂଚନା ଜାରି କରାଯାଇଛି ।

*****